## ହାଇୱା ଜଳିଗଲା

ବଡବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଲାଣି ଥାନା ଅନ୍ତର୍ଗତ ଡବୁହଟିଂ ନିକଟରେ ରବିବାର ଏକ ହାଇୱାରେ ନିଆଁ ଲାଗି ଜଳିଯାଇଛି। ଟ୍ରକ୍‌ଟି ମାଟକାମବେଡ଼ାସ୍ଥିତ ଆରିୟା ପ୍ଲାଣ୍ଟରୁ ପେଲେଟ ବୋଝେଇକରି ବଲାଣି ରେଲୱେ ସାଇଡିଂ ଅଭିମୁଖେ ଯାଉଥିଲା। ଡବୁହଟିଂ ଛକରେ ଟ୍ରକ୍‌ର ସମ୍ମୁଖ ଭାଗରେ ନିଆଁ ଲାଗିଯାଇଥିଲା। ସୂଚନା ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

# ଇଚ୍ଛାକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ଶିକ୍ଷା: ରାଜ୍ୟପାଳ

ତିହିଡ଼ି,୮।୧୦ (ସଞ୍ଜିତ ବଳ)

### ବୀଣାପାଣି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟମାନେ।

ନିଜର ଇଚ୍ଛାକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ଶିକ୍ଷା। ଜୀବନର ସମସ୍ତ ଉପଲବ୍ଧିର ଠିକ୍ ବିନିଯୋଗ ଶିକ୍ଷା ଦ୍ୱାରା ସମ୍ଭବ ହୋଇଥାଏ। ବିଭିନ୍ନ ସମୟରେ ଉତ୍ସବ ପାଳିଥାଉ କିନ୍ତୁ ମାଟିକୁ ମସ୍ତକରେ ଲଗାଇବା ଦ୍ୱାରା ପ୍ରକୃତ ଉତ୍ସବର ଅନୁଭବ ମିଳିଥାଏ ବୋଲି ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ଗୁଆମାଳ ପଞ୍ଚାୟତସ୍ଥିତ ବୀଣାପାଣି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମତବ୍ୟକ୍ତ କରିଛନ୍ତି। ରବିବାର ଅପରାହ୍ନରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଯୋଗଦେଇ ଏହି ସମାରୋହକୁ ଉଦ୍‌ଘାଟନ କରିଥିଲେ। ଜୟନ୍ତୀ କମିଟି ସଭାପତି ପ୍ରଦୀପ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଦର୍ଶନ ନାୟକ ଯୋଗଦେଇ ଦୃଢ଼ ଇଚ୍ଛାଶକ୍ତି ରହିପାରିଲେ, ଶିକ୍ଷାର ପ୍ରକୃତ ଉଦ୍ଦେଶ୍ୟ ସଫଳ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଓ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଛାତ୍ରୀଛାତ୍ରଙ୍କର ସମାଜ ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ରହିବା ଆବଶ୍ୟକ ବୋଲି କହିଥିଲେ।

ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀର ମୁଖପତ୍ର 'ଶ୍ୱେତାମ୍ବରା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରଧାନ ଶିକ୍ଷକ ସରୋଜ କୁମାର ଦାସ ସ୍ୱାଗତ ଭାଷଣ ଓ ଜୟନ୍ତୀ କମିଟି ସମ୍ପାଦକ ସନାତନ ଜେନା ବିବରଣୀ ପାଠ କରିଥିଲେ। ବେଦ ପାଠ କରିଥିଲେ ପଣ୍ଡିତ ବସନ୍ତ କୁମାର ଆଚାର୍ଯ୍ୟ। ସୁବର୍ଣ୍ଣ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ତାପସ ପାଠୀ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ଉଦୟନାଥ ପାଢ଼ୀ, ପଣ୍ଡିତ ଦୈତାରୀ ମହାପାତ୍ର, ଶିକ୍ଷାବିତ୍ ଧୀରେନ ସ୍ୱାଇଁ, ଉଛବାନନ୍ଦ ସାମଲ, ଶରତ ବିଶ୍ୱାଳ, ଗଦାଧର ଗାହାଣ, ଦୟାନିଧି ରାଉତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଡିଓ ଜ୍ୟୋତିର୍ମୟ କର, ତହସିଲଦାର ପ୍ରତୀକ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, କବି ଦୀନବନ୍ଧୁ ପତି, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କମିଟିର କର୍ମକର୍ତ୍ତା ଗଣେଶ ପ୍ରସାଦ ରାଉତ, ଦୀପ୍ତିକାନ୍ତ ଖୁଣ୍ଟିଆ, ଅଜୟ କୁମାର ପ୍ରଧାନ, ପ୍ରମୋଦ ନାୟକ, ଜନାର୍ଦ୍ଦନ ତ୍ରିପାଠୀଙ୍କ ସହ ପୁରାତନ ଛାତ୍ରୀଛାତ୍ର ଏବଂ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଓଭରବ୍ରିଜ୍‌ରୁ ଖସିପଡ଼ିଲା ଟ୍ରକ୍ ଚାପି ହୋଇଗଲା ବାଇକ୍



ଭଦ୍ରକ, ୮।୧୦(ସନାତନ ରାଉତ)- ୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଚରମ୍ପାଠାରେ ରବିବାର ପୂର୍ବାହ୍ନରେ ଓଭରବ୍ରିଜ୍‌ରୁ ଏକ ଟ୍ରକ ଖସିପଡ଼ିଛି। ଟ୍ରକ୍ ତଳେ ଏକ ବାଇକ୍ ଚାପି ହୋଇ ଯାଇଥିବା ବେଳେ ସୌଭାଗ୍ୟବଶତଃ ବାଇକ୍ ଚାଳକ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି।ସୂଚନା ଅନୁଯାୟୀ, ଏକ ଲୁହାରଡ୍ ବୋଝେଇ ଟ୍ରକ ଅନୁଗୋଳରୁ ବାରିପଦା ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଭରବ୍ରିଜରୁ ତଳକୁ ଖସିପଡ଼ିଥିଲା। ତଳେ ଥିବା ଏକ ବାଇକ୍ ଉପରେ ଟ୍ରକ୍‌ଟି ପଡ଼ିବାରୁ ବାଇକ୍ ଚାପି ହୋଇଯାଇଥିଲା। ଚାଳକ ବାଇକ୍ ରଖି ଅନ୍ୟତ୍ର ଯାଇଥିବାରୁ ବର୍ତ୍ତି ଯାଇଛନ୍ତି। ତେବେ ଟ୍ରକ୍ ଡ୍ରାଇଭର ଓ ହେଲ୍‌ପରଙ୍କର କୌଣସି କ୍ଷତି ହୋଇନାହିଁ।

### ମହିଳାଙ୍କୁ ମିଳିଲା ସ୍କୁଟି

ଭଣ୍ଡାରିପୋଖରୀ,୮।୧୦ (ରବିନାରାୟଣ ଖିଲାର )-ମିଶନ ଶକ୍ତି ବିଭାଗ ପକ୍ଷରୁ ଏମ୍‌ବିକେ, ସିଆର୍‌ପି ଓ ଇସି ମେମ୍ବର ଥିବା ମହିଳାଙ୍କୁ ଏବେ ସ୍କୁଟି କିଣିବା ପାଇଁ ବିନା ସୁଧରେ ରାଜ୍ୟ ସରକାର ଅର୍ଥ ଯୋଗାଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ବିନା ସୁଧରେ ମହିଳାମାନଙ୍କୁ ସ୍କୁଟି କିଣିବା ପାଇଁ ଏହି ଅର୍ଥ ପ୍ରଦାନ କରାଯାଇଛି। ବ୍ଲକର ରହଣିଆ, ସରସଦା, ରାଜେନ୍ଦ୍ରପୁର, ଖୋଳମପୁର ଓ ମାଳଦା ପଞ୍ଚାୟତର ଏମ୍‌ବିକେ, ସିଆର୍‌ପି ଏବଂ ଇସି ମେମ୍ବରଙ୍କୁ ମିଶାଇ ମୋଟ ୨୨ଜଣଙ୍କୁ ସ୍କୁଟି କିଣିବା ପାଇଁ ଅର୍ଥ ପ୍ରଦାନ କରାଯାଇଥିବା ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ ପ୍ରକାଶ କରିଛନ୍ତି। ଏହାପରେ ସମସ୍ତ ମହିଳା ଗାଡ଼ି କିଣିଥିବା ବେଳେ ଶାଖା ପକ୍ଷରୁ ସେ ସ୍ୱାଗତ ଜଣାଇଛନ୍ତି।

### ପାଲା ମାଧ୍ୟମରେ ସଚେତନତା

ତିହିଡି,୮।୧୦(ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ପୋଲିସ ପ୍ରଶାସନ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି କଲେଜ, ତିହିଡ଼ି ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲ, ପାଳିଆବିନ୍ଧା, ଦୋଳସାହି ବଜାର ସହ ମନ୍ଦୋଦରୀ କଲ୍ୟାଣ ମଣ୍ଡପ ନିକଟରେ ପାଲା ଏବଂ ପ୍ରଚାରପତ୍ର ମାଧ୍ୟମରେ ଏହି ସଚେତନତା ସୃଷ୍ଟି କରାଯାଇଥିଲା। ଇଣ୍ଟରନେଟ ବ୍ୟବହାର କରିବା ବେଳେ ଛାତ୍ରୀଛାତ୍ର ସତର୍କତା ଅବଲମ୍ବନ କରିବାକୁ ତିହିଡ଼ି ଥାନା ଅଧିକାରୀ ମହମ୍ମଦ ହାଫିଜ ପରାମର୍ଶ ଦେଇଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟର ଇନ୍ସପେକ୍ଟର ସଂଗ୍ରାମ କେଶରୀ ପଟ୍ଟନାୟକ, ଏସ୍‌ଆଇ ଅରୁନ୍ଧତୀ ବେହେରା, ପ୍ରଣବ କୁମାର ଗିରି, ହାବିଲଦାର ନକୁଳ ଚନ୍ଦ୍ର ସେନାପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭଣ୍ଡାରିପୋଖରୀର ପାଲାଗାୟକ ଚିନ୍ତାମଣି ନାୟକ ଏବଂ ତାଙ୍କ ସହଯୋଗୀମାନେ ପାଲା ପରିବେଷଣ କରିଥିଲେ।

# ଭବିଷ୍ୟତ ଗଢ଼ିବାରେ ଟିଏସ୍‌ଏଫ ସହାୟକ

ଯୋଡ଼ା,୮।୧୦(ମାନସ ମହାନ୍ତି)



ତୁଳସୀ ହାଲଦାର

କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍‌ଏଫ୍) ପ୍ରତ୍ୟେକ୍ଷ ଭାବେ ରୂପାନ୍ତରଣ ଓ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିକୁ ସୁଦୃଢ଼ କରୁଛି। ଯୋଡ଼ା ବ୍ଲକ୍ ଗୁଆଲି ଗ୍ରାମର ତୁଳସୀ ହାଲଦାର(୧୮)ଙ୍କ କାହାଣୀ ସେହି ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି। ତୁଳସୀଙ୍କ ପରିବାରରେ ୬ ଜଣ ସଦସ୍ୟ। ସେ ଉଚ୍ଚ ଶିକ୍ଷା ଓ ସ୍ଥାୟୀ କ୍ୟାରିୟର କରିବା ପାଇଁ ଅଭିଳାଷ ରଖିଥିଲେ ହେଁ ଅନାଟନ ବାଧା ସାଜୁଥିଲା। ମାତ୍ର ତୁଳସୀ ବିଚଳିତ ନ ହୋଇ ବାପାଙ୍କୁ ମନାଇ ମହିଳା ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳାରେ ନାମ ଲେଖାଇଥିଲେ। ଗାଁରେ ଦକ୍ଷତା ବିକାଶର ବିଶେଷ କିଛି ସୁଯୋଗ ନଥିଲା। ଟିଏସ୍‌ଏଫ ଏବଂ ଏନ୍‌ଆଇଆଇଟି ପକ୍ଷରୁ ମୌଳିକ ଇଂରାଜୀ ଜ୍ଞାନ ଓ ମୌଳିକ ଆଇଟି ପାଠ୍ୟକ୍ରମରେ ନାମଲେଖାଇବାକୁ ଏନଆଇଆଇଟିର ଟିମ ତୁଳସୀଙ୍କୁ ପରାମର୍ଶ ଦେଇଥିଲେ । ତୁଳସୀ ସେଠାରେ ନିଜର କମ୍ପ୍ୟୁଟର ଦକ୍ଷତା ବାଢ଼ାଇବା ସହ ଏମ୍‌ଏସ୍ ଅଫିସ, ଇଣ୍ଟରନେଟ ବ୍ୟବହାର, ଡାଟା ଏଣ୍ଟ୍ରି, ବିଲ ପେମେଣ୍ଟ, ଅନ୍‌ଲାଇନରେ ବରାଦ ଏବଂ ନିଯୁକ୍ତି ସାକ୍ଷାତକାର ପାଇଁ ପ୍ରସ୍ତୁତି ଆଦି ଶିଖିଥିଲେ। ଇଂରାଜୀ ଯୋଗାଯୋଗ ଦକ୍ଷତାରେ ତାଙ୍କର ଆତ୍ମ ବିଶ୍ୱାସ ବଢ଼ିଥିଲା। ଟିଏସ୍‌ଏଫ୍ ସହଯୋଗୀ ଏନ୍‌ଜିଓ ଆସ୍ଥାୟାର କମ୍ପାନୀରେ ପଞ୍ଚାୟତ ଗୋଷ୍ଠୀ ସଦସ୍ୟ (ଜିପିସିଏମ) ପଦ ବିଷୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଥିଲା। ପାଠପଢ଼ା ଜାରି ରହିଥିବା ସତ୍ତ୍ୱେ ଦକ୍ଷତା ବିକାଶ କେନ୍ଦ୍ରର ମାର୍ଗଦର୍ଶନରେ ତୁଳସୀ ସେହି ପଦ ପାଇଁ ଆବେଦନ କରି ନିଯୁକ୍ତି ସୁଯୋଗ ହାସଲ କରିଥିଲେ। ଏନେଇ ତୁଳସୀ ଟାଟା ଷ୍ଟିଲ ଫାଉଣ୍ଡେସନ, ଏନଆଇଆଇଟି ଦକ୍ଷତା ବିକାଶ କେନ୍ଦ୍ର ଓ ଟିମକୁ ମୁଁ କୃତଜ୍ଞତା ଜଣାଇଛନ୍ତି।

# ୨୦୦ ଲିଟର ମଦ ଜବତ, ଜଣେ ଗିରଫ

ଢେଙ୍କିକୋଟ,୮।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ଅବକାରୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ସ୍ୱାଭିମାନ ବଡ଼ଜେନା ସଦଳବଳେ ତୋରାଣିପୋଖରୀ ସାପ୍ତାହିକ ହାଟରେ ଚଢ଼ାଉ କରିଥିଲେ। ତୋରାଣିପୋଖରୀ ଗ୍ରାମର ମୋହନ ଚରଣ ମହାନ୍ତଙ୍କଠାରୁ ୨୦ ଲିଟର ମହୁଲି ମଦ ଜବତ କରି ଗିରଫ କରିଥିଲେ। ହାଟରୁ ୨୦୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ. ୧୩୬/୨୩)ରୁଜୁ ହୋଇଛି।

# ପାରାକ୍ୱେଟ୍ ବିକ୍ରି ଉପରେ କଟକଣା



କୃଷିଜାତୀୟ ସାମଗ୍ରୀ ବିକ୍ରି ଦୋକାନରେ ସହକାରୀ କୃଷି ଅଧିକାରୀ ଯାଞ୍ଚ କରୁଛନ୍ତି।

ଚମ୍ପୁଆ,୮।୧୦(ମହେଶ୍ୱର ଦାସ)

### କୃଷି ବିଭାଗର ଚଢ଼ାଉ

ସରକାରଙ୍କ ଦ୍ୱାରା ପାରାକ୍ୱେଟ୍ (ଘାସ ମରା ଔଷଧ) ବିକ୍ରି ଉପରେ କଟକଣା ଲାଗିବା ପରେ ଚମ୍ପୁଆ କୃଷି ବିଭାଗ ପକ୍ଷରୁ ବିଭିନ୍ନ କୃଷି ଜାତୀୟ କୀଟନାଶ, ସାର ବିକ୍ରି ଦୋକାନ ଉପରେ ଚଢ଼ାଉ କରାଯାଇଛି। ଚଢ଼ାଉ ସମୟରେ ଉପରୋକ୍ତ କୀଟନାଶକୁ ବିକ୍ରି ନକରିବାକୁ ପରାମର୍ଶ ଦିଆଯାଇଛି। ଚମ୍ପୁଆ କୃଷି ଜିଲା ଭାରପ୍ରାପ୍ତ ଅଧିକାରୀ ନୀଳମାଧବ ଦାସଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର, ରମାମଣୀ ସାହୁ ଚମ୍ପୁଆସ୍ଥିତ ବିଭିନ୍ନ ଦୋକାନରେ ଯାଞ୍ଚ କରିଥିଲେ। ବ୍ଲକ୍‌ରେ ଥିବା ୧୩ ଦୋକାନରେ ଏହି କାର୍ଯ୍ୟକ୍ରମ କରାଯିବ। ସରକାରୀ ନିୟମକୁ କଡ଼ାକଡ଼ି ପାଳନ କରାଯିବ ବୋଲି କୃଷି ଜିଲା ଭାରପ୍ରାପ୍ତ ଅଧିକାରୀ ସୂଚନା ଦେଇଛନ୍ତି।

# ଅଭଣାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ବାହାନଗା,୮।୧୦(ଅରୂପ କୁମାର ଦାସ)

ବାହାନଗା ବ୍ଲକ ଅଭଣାଠାରେ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ ୩୦୦୦ରୁ ଊର୍ଦ୍ଧ୍ୱ କର୍ମୀ ଓ ନେତା ସାମିଲ ହୋଇଥିଲେ। ଏହି ପଦଯାତ୍ରା ବ୍ଲକର ବିଷ୍ଣୁପୁର ତାରେଣୀ ମନ୍ଦିରରୁ ବାହାରି ଅଭଣା ହାଟପଡିଆଠାରେ ପହଞ୍ଚି ଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ବ୍ଲକ ବିଜେଡ଼ି ସଭାପତି ଅଜୟ କୁମାର ପଣ୍ଡା। ମୁଖ୍ୟ ଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାସ, ସୋର ମ୍ୟୁନିସିପାଲଟି ସଭାପତି ସୁକାନ୍ତ ମିଶ୍ର, ବ୍ଲକ ଅଧକ୍ଷା ଅନୁସୂୟା ମଳିକ, ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ବଙ୍କେଶ ବେହେରା, ସୋର ବ୍ଲକ ସଭାପତି ଦୀପ୍ତିକାନ୍ତ ପଣ୍ଡା ଉପସ୍ଥିତ ଥିଲେ। ସୁମନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଉତ୍କଳରତ୍ନ ଲକ୍ଷ୍ମୀଧରଙ୍କ ଶ୍ରାଦ୍ଧବାର୍ଷିକୀରେ ନାମଯଜ୍ଞ

ବଡ଼ସାହି,୮।୧୦ ( ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ହଳଦୀପଦା ବାଣୀପୀଠର ପ୍ରତିଷ୍ଠାତା ଉତ୍କଳରତ୍ନ ପଣ୍ଡିତ ଲକ୍ଷ୍ମୀଧର ରାଉତଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହା ତିନି ଦିନଧରି ଚାଲିଥିବା ବେଳେ ରବିବାର ଉଦ୍‌ଯାପିତ ହୋଇଛି। କେନ୍ଦୁଡିହା, ସିଂହଟିଆ ସଂକୀର୍ତ୍ତନ ମଣ୍ଡଳୀ ଓ ବାଲେଶ୍ୱର ଭାଗବତଜୀଉ ସଂକୀର୍ତ୍ତନ ମଣ୍ଡଳୀ ଯଜ୍ଞରେ ହରିନାମ ଆହୁତୀ ପ୍ରଦାନ କରିଥିଲେ। ଉଦ୍‌ଯାପନ ଉତ୍ସବରେ ନିଶାମଣି, ସୂର୍ଯ୍ୟକାନ୍ତି ରାଉତଙ୍କ ତତ୍ତ୍ୱାବଧାନରେ ଅନ୍ନଛତ୍ର ପ୍ରଦାନ କରାଯାଇଥିଲା। ପୁରୋଧା ଅଶୋକ ଚକ୍ରବର୍ତ୍ତି ଯୋଗଦାନ କରିଥିବାବେଳେ ମୁଖ୍ୟ ପ୍ରବଚକଭାବେ ସତ୍ୟନାରାୟଣ ମୋଦି ଯୋଗଦାନ କରି ପଣ୍ଡିତ ଲକ୍ଷ୍ମୀଧର ଜଣେ କବି, ଲେଖକ, ସାହିତ୍ୟିକ, ସଂଗଠକ, କଳାକାର ସହ ଅଧାତ୍ମିକ ବାଦି ମଣିଷ ଥିଲେ ବୋଲି କହିଥିଲେ। ରାଜ୍ୟ ବେଦ ପ୍ରତିରକ୍ଷା ସମିତିର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବା ସହିତ ରାଣୀବନ୍ଧଠାରେ ବେଦମନ୍ଦିର ପ୍ରତିଷ୍ଠା କରିଥିଲେ। ଡ. କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ସମାହିତ ହୋଇଥିଲା।

# ନାଚଗୀତରେ ମସ୍‌ଗୁଲ ହେଲେ ସହରବାସୀ

ବାଲେଶ୍ୱର,୮।୧୦(ମାନସ ବିଶ୍ୱାଳ)

### ରାହଗିରି ଦିବସ



ରାହାଗିରି ଦିବସରେ ଏସ୍‌ପି ସାଗରିକା ନାଥ ଓ ଅନ୍ୟମାନେ।

ବାଲେଶ୍ୱର ସହରରେ ପ୍ରଥରଥର ପାଇଁ ରାହାଗିରି ଦିବସ ଅନୁଷ୍ଠିତ ହୋଇଛି। ସାଇବର କ୍ରାଇମ୍ ସଚେତନତାକୁ ନେଇ ଗାନ୍ଧୀ ଜୟନ୍ତୀରୁ ବାଲେଶ୍ୱର ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା ଅଭିଯାନ ଅନ୍ତର୍ଗତ ଗୋଟିଏ ପ୍ଲାଟଫର୍ମରେ ସହରବାସୀଙ୍କୁ ଏକତ୍ରିକରଣ ମାଧ୍ୟମରେ ସଚେତନତା ଆଣିବା ଉଦ୍ଦେଶ୍ୟରେ ଏହି ଉତ୍ସବ ରବିବାର ସକାଳ ୫ଟାରୁ ୧୦ଟା ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ସହରର ପୋଲିସ ଲାଇନ ଛକଠାରୁ ଆଇଟିଆଇ ଛକ ପର୍ଯ୍ୟନ୍ତ ରାସ୍ତାରେ ଏହି ଉତ୍ସବ ପାଳିତ ହୋଇଥିଲା।

ଜିଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଯୋଗଦେଇ ସାଇବର କ୍ରାଇମ୍‌କୁ ରୋକିବା ଲାଗି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏହି ଭଳି ଅଭିଯାନ ଆରମ୍ଭ ହୋଇଥିବା କହିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ଉପ-ଜିଲାପାଳ କୁନାଲ ମୋତିରାମ ଚୌହାନ ପ୍ରମୁଖଙ୍କ ସମେତ ଜିଲା ପ୍ରଶାସନ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉତ୍ସବରେ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଏହି ଉତ୍ସବ ପାଳନ ଅବସରରେ ରାସ୍ତାର ଏକାଧିକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କଳାକାରମାନେ ସାଇବର କ୍ରାଇମ ସମ୍ପର୍କିତ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ।

ମିଶନ ପଡ଼ିଆସ୍ଥିତ ଦିବ୍ୟାଙ୍ଗ କଲ୍ୟାଣ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନଙ୍କ ସଚେତନତା କାର୍ଯ୍ୟକ୍ରମ, ଚାନ୍ଦିପୁରସ୍ଥିତ ପିଏକ୍ସଇର ଷ୍ଟଲରେ ପ୍ରତିରକ୍ଷା ବିଭାଗର ପ୍ରଦର୍ଶନୀ, ରାସ୍ତାର ବିଭିନ୍ନ ସ୍ଥାନରେ ପ୍ରତିଯୋଗିତା ଭିତ୍ତିରେ ରଙ୍ଗୋଲୀ ଅଙ୍କନ, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା, ବ୍ୟାଡମିଣ୍ଟନ ଖେଳ, ବାସ୍କେଟ ବଲ, ସ୍କେଟିଂ ଖେଳର ବ୍ୟବସ୍ଥା, ପୋଲିସ ଲାଇନ ପଡ଼ିଆରେ କବାଡ଼ି, ଭଲିବଲ, ଫୁଟବଲ ପ୍ରତିଯୋଗିତା, ବିଭିନ୍ନ ସ୍କୁଲର ଏନ୍‌ସିସି କ୍ୟାଡେଟ୍‌ଙ୍କ ଦ୍ୱାରା ସ୍ୱଚ୍ଛତା ଅଭିଯାନ, ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ଘୋଷ ବାଦନ ସହ ପରେଡ, ବିଭିନ୍ନ ସ୍କୁଲ-କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଇବର କ୍ରାଇମ ସହ ସ୍ୱଚ୍ଛତାକୁ ନେଇ ଜନସାଧାରଣଙ୍କୁ ସଚେତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରାହାଗିରିରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଭାବେ ଟି-ସାର୍ଟ ବଣ୍ଟନ କରାଯାଇଥିଲା। ବାଲେଶ୍ୱର ଚାମ୍ବର ଅଫ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସ, ବାଲେଶ୍ୱର ହୋଟେଲ ଆସୋସିଏସନ, ବାଲେଶ୍ୱର ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ ଭଳି ବିଭିନ୍ନ ସଂଗଠନ ଓ ଅନୁଷ୍ଠାନ ଏହି ଉତ୍ସବ ପାଳନରେ ସକ୍ରିୟ ସହଯୋଗ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ପୂଜା



@ଜ୍ୟୋତିପ୍ରକାଶ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ରାଜ୍ୟସ୍ତରୀୟ ଜୁନିୟର ବାଳକ ହକି ଚାମ୍ପିୟନଶିପ୍‌ରେ ମୟୂରଭଞ୍ଜ ଦଳ



ବାରିପଦା,୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ହକି ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଜୁନିୟର ବାଳକ ହକି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳ ଘୋଷଣା ହୋଇଛି। ଦଳରେ ଅଧିନାୟକ ସାଗର ସୋରେନ ଓ ଉପ ଅଧିନାୟକ ରଞ୍ଜିତ ସିଂଙ୍କ ସମେତ ସୁମନ୍ତ ହେମ୍ବ୍ରମ, ଦୀପକ କୁମାର କିସ୍କୁ, ବିଷ୍ଣୁ କିସ୍କୁ, ମନୋଜ ସିଂ, ବାଜିନାଥ ମାର୍ଣ୍ଡି, ସୁନୀଲ ହାଁସଦା, ହରିହର ହାଁସଦା, ହେମାଳ ହେମ୍ବ୍ରମ, ମନୋଜ ସୋରେନ, ତାରସ ମୁର୍ମୁ, ରାମ ହେମ୍ବ୍ରମ, ସଞ୍ଜୀବ କୁମାର ସିଂ, ରାଜା ସିଂ, ହୁଡିଙ୍ଗ ସୋରେନ, ସୁନା ମୁର୍ମୁ ଏବଂ ଅରୁଣ କୁମାର ସୋରେନ ସାମିଲ ଅଛନ୍ତି। ଜୁଲିଆନୀ ବାଗେ କୋଚ ଭାବେ ଦଳ ସହ ଗସ୍ତ କରିଛନ୍ତି। ମୟୂରଭଞ୍ଜ କଳାହାଣ୍ଡି ସହ ପ୍ରଥମ ମ୍ୟାଚ୍ ସୋମବାର ଖେଳିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମୋହନ ମହାନ୍ତି ଜଣାଇଛନ୍ତି। ଏହି ଅବସରରେ ଜିଲାପାଳ ତଥା ମୟୂରଭଞ୍ଜ ହକି ଆସୋସିଏଶନର ସଭାପତି ବିନୀତ ଭରଦ୍ୱାଜ ଓ ଅତିରିକ୍ତ ଜିଲାପାଳ ତଥା ସମ୍ପାଦକ ଅକ୍ଷୟ ସୁନୀଲ ଅଗ୍ରୱାଲ ଦଳର ସଫଳତା କାମନା କରିଛନ୍ତି।

# ବିଜେଡିର ରକ୍ତଦାନ, କଂଗ୍ରେସର ସମ୍ପର୍କ ଅଭିଯାନ



ଘରେ ଘରେ ହାତ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଓ କର୍ମୀ।

ଖଇରା,୮।୧୦(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକରେ ରବିବାର ବିଭିନ୍ନ ଦଳ ସଂଗଠନ ପକ୍ଷରୁ ସମାନ୍ତରାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେଡି ତଥା ଜୀବନବିନ୍ଦୁ ଆନୁକୂଲ୍ୟରେ ଗଣ୍ଡିବେଡ଼ ଓ ଡୁଙ୍ଗୁରାଠାରେ ଆୟୋଜିତ ରକ୍ତଦାନ ଶିବିରକୁ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉଦ୍‌ଘାଟନ କରିଥିଲେ। ସଂଯୋଜକ ପ୍ରହଲ୍ଲାଦ ପତି,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣ୍ଡିବେଡଠାରେ ୧୬୧ୟୁନିଟ ଓ ଡୁଙ୍ଗୁରାରେ ୧୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମାନ୍ତରାଳ ଭାବେ କଂଗ୍ରେସ ପକ୍ଷରୁ ଗଡ଼ପୋଖରୀ ପଞ୍ଚାୟତରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ,ଏମ୍‌ପି ପ୍ରାର୍ଥିନୀ ମଧୁମିତା ସେଠୀ, ସିମୁଳିଆ ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା, ବ୍ଲକ କଂଗ୍ରେସ ସଭାପତି ଶରତ କୁମାର ଦାସ ପ୍ରମୁଖ ପଞ୍ଚାୟତର ଘର ଘର ବୁଲି ଲୋକଙ୍କୁ କଂଗ୍ରେସର ଆଦର୍ଶ ଓ ବିଚାରଧାରା ଉପରେ ଆଲୋକପାତ କରିଥିଲେ।

**ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ**

ବଡ଼ବିଲ,(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଉପରବସ୍ତିରେ ଜଣେ ବ୍ୟକ୍ତିଙ୍କୁ କଟୁରୀରେ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ପୋଲିସ ବସ୍ତିର ରାହୁଲ ଚାମ୍ପିଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶନିବାର ବସ୍ତିର ତୁଳସୀ ହେମ୍ବ୍ରମ ଓ ସ୍ୱାମୀ ରମେଶ ତାଙ୍କ ଝିଆରୀ ଘରେ ବସିଥିଲେ। ସେ ସମୟରେ ରାହୁଲ ଏକ କଟୁରୀ ଧରି ଘର ପଶି ରମେଶଙ୍କ ମୁଣ୍ଡକୁ ଚୋଟ ମାରିଚାଲିଥିଲେ। ରମେଶଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ନିମନ୍ତେ ତୁଳସୀ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଏ ନେଇ ଅଭିଯୋଗ ପରେ ବଡ଼ବିଲ ଥାନାରେ ଏକ ମାମଲା( ନଂ-୨୮୫/୨୦୨୩)ରୁଜୁ ହୋଇଥିଲା।

## ସଂକ୍ଷେପରେ

### ସାଇବର ସୁରକ୍ଷା ନେଇ ସଚେତନ କଲେ

ଖୁଣ୍ଟା,୮।୧୦(ଦେବରଞ୍ଜନ ବେହେରା): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ପକ୍ଷରୁ ରବିବାର ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟା ଆଇଆଇସି ସୁଜାତା ଖମାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଅଞ୍ଚଳର ବିଭିନ୍ନ ସଂଗଠନ, ସାଧାରଣ ଲୋକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଖୁଣ୍ଟା ବଙ୍ଗଳାଛକରୁ ଶୋଭାଯାତ୍ରା ବାହାରି ସାଇବର ସୁରକ୍ଷା ସମ୍ପର୍କୀତ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର, ବଣିକ ସଂଘ, ବରିଷ୍ଠ ନାଗରିକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

### ରାମକୃଷ୍ଣ ସଭାପତି, ମହେଶ୍ୱର ସାଧାରଣ ସମ୍ପାଦକ

### କେଏମ୍ଏଫ୍ଡବ୍ଲ୍ୟୁ ନୂତନ କର୍ମକର୍ତ୍ତା ନିର୍ବାଚିତ

ବଡ଼ବିଲ, ୮।୧୦(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲଠାରେ ରବିବାର ଏଆଇଟିୟୁସି ଅନୁବନ୍ଧିତ କେନ୍ଦୁଝର ମାଇନ୍ସ ଆଣ୍ଡ ଫରେଷ୍ଟ ୱାର୍କର୍ସ (କେଏମଏଫଡବ୍ଲ୍ୟୁ) ୟୁନିୟନର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଆଗାମୀ ଏକ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ରାମକୃଷ୍ଣ ପଣ୍ଡା ଏବଂ ସାଧାରଣ ସମ୍ପାଦକ ଭାବେ ମହେଶ୍ୱର ରାଉତ ନିର୍ବାଚିତ ହୋଇଥିବା ଜଣାପଡିଛି। ଉପ-ସାଧାରଣ ସମ୍ପାଦକଭାବେ କପିଳ ମହାନ୍ତ ଏବଂ ୨୭ ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟ ଓ ୬୫ ଜଣିଆ ପରିଷଦ ଗଠନ ହୋଇଥିବା ଜଣାପଡ଼ିଛି। ସମ୍ମିଳନୀରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଶତାଧିକ ଶ୍ରମିକ ପ୍ରତିନିଧି ଯୋଗଦେଇଥିଲା ବେଳେ ସମ୍ମିଳନୀର ଶେଷ ପ୍ରହରରେ ୟୁନିୟନର ନୂତନ କର୍ମକର୍ତ୍ତାଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଯୋଗଦେଇଥିବା ନେତୃବୃନ୍ଦ ବିଭିନ୍ନ ଶ୍ରମିକ ସପକ୍ଷ ଦାବିମାନ ଉପସ୍ଥାପନ କରିଥିଲେ।

### ଭାଜପା ପକ୍ଷରୁ ମାଟି ସଂଗ୍ରହ

ଚାନ୍ଦବାଲି, ୮।୧୦(କିଶାନ ପାତ୍ର)- ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦଙ୍କ ସ୍ମୃତିପୀଠ ନିର୍ମାଣ ପାଇଁ ଭାଜପା ପକ୍ଷରୁ ରବିବାର ଚାନ୍ଦବାଲି ବ୍ଲକର ମୌସୁଧା ଓ ନାଲୁଗୁଣ୍ଡା ପଞ୍ଚାୟତରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମରୁ କର୍ମୀମାନେ ମାଟି ସଂଗ୍ରହ କରିଥିଲେ। ମୌସୁଧା ପଞ୍ଚାୟତର ସୁରଭି ନାୟକ, ବିପଦ ବିଶ୍ୱାଳ, ଚନ୍ଦନ କୁମାର ବଳ, ଶ୍ରୀକାନ୍ତ ରାଉତ, ଅଷ୍ଟଶମ୍ଭୁ ରାଉତ, ତପନ ରାଉତ, ହୃଷିକେଶ ରାଉତ, ଆର୍ତ୍ତବନ୍ଧୁ ବେହେରା, କାହ୍ନୁଚରଣ ବେହେରା, ପୂର୍ଣ୍ଣଚନ୍ଦ୍ର ପାଣି, ନାଲୁଗୁଣ୍ଡା ସରପଞ୍ଚ ଭାରତୀ ବିଶ୍ୱାଳ, ପୂର୍ବତନ ସରପଞ୍ଚ ମନୋଜ ବଳ, ଅଭୟ ବଳ ପ୍ରମୁଖ ସାମିଲ ଥିଲେ।

# ଚକଡ଼ା ପୋକକୁ ନେଇ ଚିନ୍ତାରେ ଚାଷୀ

ନୀଳଗିରି,୮।୧୦(ପ୍ରଶାନ୍ତ ବିଶ୍ୱାଳ)



ଚକଡ଼ା ପୋକ ଲାଗି ନଷ୍ଟ ହୋଇଥିବା ଧାନ ଫସଲ।

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର ପ୍ରାୟ ୩୦୦ ଏକରରୁ ଊର୍ଦ୍ଧ୍ୱ ଜମିରେ ଚକଡ଼ା ପୋକ ଲାଗି ଧାନ ଫସଲ ନଷ୍ଟ ହୋଇଛି। ଅମଳ ପୂର୍ବରୁ ଏଭଳି ଅବସ୍ଥା ଦେଖି ଚାଷୀ ଚିନ୍ତାରେ ପଡ଼ିଛନ୍ତି।

ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତର ଜଗନ୍ନାଥପୁର, ଗୋକୁଳପାଣି, ଶିଆଡ଼ିମାଳ, ମଲ୍ୟାଣି, ଖରଡ଼ିହା, ବାଉଁଶନଖଳ, ନିଜଗଡ, ନରଣପୁର, ବରହମପୁର ଓ ନୀଳଗିରି ଉପଖଣ୍ଡ ଅଧୀନ ଔପଦା ବ୍ଲକ ଢୋଲପୁର ଗ୍ରାମରେ ଚକଡ଼ା ପୋକ ଲାଗି ବ୍ୟାପକ କ୍ଷୟକ୍ଷତି ହୋଇଛି। ଏ ସମ୍ପର୍କରେ କୃଷି ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ବିଭାଗୀୟ କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀ ଧାନ ଗଛ ଧରି ଦୋକାନରୁ ବିଷ ନେଇ ବଞ୍ଚିଥିବା କ୍ଷେତକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ନୀଳଗିରି ଜିଲା କୃଷି ଅଧିକାରୀ ବଳରାମ ସୁବୁଦ୍ଧିଙ୍କୁ ପଚାରିବାରୁ ଚକଡ଼ା ପୋକ କବଳରୁ ରକ୍ଷା ପାଇବା ପାଇଁ ଚାଷୀମାନଙ୍କୁ ଉପାୟ ବତାଇ ଦିଆଯାଇଛି। ଅତ୍ୟଧିକ ଖରା ଓ ଗୁଳିଗୁଳି କାରଣରୁ ଏଭଳି ସ୍ଥିତି ଉପୁଜିଛି, କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ସରକାର ଯାହା ନିଷ୍ପତ୍ତି ନେବେ ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଗବେଷଣା ଓ ପ୍ରକାଶନ ନୈତିକତା କର୍ମଶାଳା ଉଦ୍‌ଯାପିତ




କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ବାଲେଶ୍ୱର,୮।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ମାନବ ସମ୍ବଳ ବିକାଶ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ 'ଗବେଷଣା ଓ ପ୍ରକାଶନ ନୈତିକତା' ଶୀର୍ଷକ ପଞ୍ଚଦିବସୀୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ, ମାନବ ସମ୍ବଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ମନୋରଞ୍ଜନ ମିଶ୍ର, ଉପ-ନିର୍ଦ୍ଦେଶକ ଡ. ଦେବଦତ୍ତ ଦାସ ପ୍ରମୁଖଙ୍କ ସମେତ ଖଡ଼ଗପୁରସ୍ଥିତ ଆଇଆଇଟିର ଅଧ୍ୟାପକ ଡ. ସମୀର ଜଲାଲ ଓ ଡ. ହେମନ୍ତ ବିଶ୍ୱାଳ ବିଷୟ ବିଶାରଦ ରୂପେ ଉଦ୍‌ଯାପନୀ ଅଧିବେଶନରେ ଉପସ୍ଥିତ ରହି ଗବେଷଣା ଓ ପ୍ରକାଶନ ନୈତିକତା ସମ୍ପର୍କିତ ବହୁବିଧ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

କୁଳପତି ପ୍ରଫେସର ତ୍ରିପାଠୀ ଓଡ଼ିଶା ଓ ଓଡ଼ିଶା ବାହାରୁ ପ୍ରବିଣ ପ୍ରଶିକ୍ଷକ ଯୋଗଦେଇ ଗବେଷଣା ଓ ପ୍ରକାଶନ ନୈତିକତା ପ୍ରସଙ୍ଗରେ ପ୍ରଶିକ୍ଷଣ ଦେଉଥିବା ହେତୁ ଅଂଶଗ୍ରହଣକାରୀଙ୍କ ମେଧାଶକ୍ତି ବିକାଶରେ ଏହା ସହାୟକ ହୋଇପାରିଛି ବୋଲି ପ୍ରକାଶ କରିଥିଲେ। କର୍ମଶାଳାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କୋର୍ସୱାର୍କ କରୁଥିବା ୮୦ ଜଣ ଗବେଷକ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଡ. ଅରୁଣ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

# ନୃତ୍ୟଗୁରୁ ସୁରେନ୍ଦ୍ର ନାଥ ଜେନାଙ୍କ ସ୍ମୃତି ସମାରୋହ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ଭଦ୍ରକ, ୮।୧୦(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ ଗୋରାମାଟି ପଞ୍ଚାୟତର ସମ୍ମିଳନୀ କକ୍ଷରେ ନୃତ୍ୟଗୁରୁ ସୁରେନ୍ଦ୍ର ନାଥ ଜେନାଙ୍କ ୧୬ ତମ ସ୍ମୃତି ସମାରୋହ ଓ ମେଧାବୀ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ରବିନାରାୟଣ ଖିଲାର ଏଥିରେ ସଭାପତିତ୍ୱ କରିଥିଲେ। ଗୁରୁ ସୁରେନ୍ଦ୍ର ନାଥ ଟ୍ରଷ୍ଟ ମୁଖ୍ୟ ପ୍ରତାପ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ସରପଞ୍ଚ ବିଭୂତି ଭୂଷଣ ସାମନ୍ତ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାବାଜୀ ଚରଣ

**ମେଧାବୀ ଛାତ୍ରୀଛାତ୍ର ସମ୍ମାନିତ**

ସାମଲ ଏବଂ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସମିତିସଭ୍ୟ ଦୀନବନ୍ଧୁ ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଦଲ କିଶୋର ମହାପାତ୍ର, ସରପଞ୍ଚ ଭାଗ୍ୟବତୀ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁ ସୁରେନ୍ଦ୍ର ନାଥ ଜେନା ନିଜର ଚେଷ୍ଟା ଓ ନିଷ୍ଠା ବଳରେ ଦିଲ୍ଲୀରେ ପହଞ୍ଚି ଓଡ଼ିଶୀ ନୃତ୍ୟର ପ୍ରଚାର ଓ ପ୍ରସାର କରି ଓଡ଼ିଶାକୁ ଗୌରବାନ୍ୱିତ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାକ୍ତନ ସମିତିସଭ୍ୟ ନରେଶ ପୁହାଣ, ସୁଶାନ୍ତ ମଲିକ, ସାମାଜିକ କର୍ମୀ ଗୋକୁଳ ନାୟକ, କନକଲତା ଖୁଣ୍ଟିଆ, ରବୀନ୍ଦ୍ର ଭୋଇ, ଶଶଧର ଦାସ, ସୁରେନ୍ଦ୍ର ଖୁଣ୍ଟିଆ, ପୀତବାସ ଭୋଇ, ତରୁଣକାନ୍ତ ମହାପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ୬ ମେଧାବୀ ଛାତ୍ରୀଛାତ୍ରଙ୍କୁ ଗୁରୁ ସୁରେନ୍ଦ୍ର ନାଥ ଟ୍ରଷ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟଶିଳ୍ପୀ ଜ୍ୟୋତିର୍ମୟୀ ପରିଡ଼ା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଝିଅ ରମା ଜେନା ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପିପିଳିଆ କଲେଜରେ ସାଇବର ସୁରକ୍ଷା ସଚେତନତା



ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ।

ଢେଙ୍କିକୋଟ,୮।୧୦(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ପିପିଳିଆ କଲେଜରେ ଶନିବାର ଓଡ଼ିଶା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନ କରାଯାଇଛି। କଲେଜର ଅଧ୍ୟକ୍ଷ ନିରାକାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ କଲେଜ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଘଟଗାଁ ଏସ୍‌ଡିପିଓ ସୁଦର୍ଶନ ଗଙ୍ଗାଇ, ସମ୍ମାନୀୟ ଅତିଥିଭାବେ ଘଟଗାଁ ଥାନା ଅଧିକାରୀ ଅଞ୍ଜନ କୁମାର ପାତ୍ର, ଢେଙ୍କିକୋଟ ପୋଲିସ ବିଟ ହାଉସ ସବଇନ୍ସପେକ୍ଟର ତରଣୀସେନ ବାଗ, ଏଏସ୍ଆଇ ସୁରଥ ଚନ୍ଦ୍ର ଦେହୁରୀ, ଏ.ଏସ.ଆଇ ଅନୁପ ଲୋଗୁନ ଉପସ୍ଥିତ ଥିଲେ। କଲେଜର ୧୦୦୦ ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କେନ୍ଦୁଝର ସାଇବର ଥାନା ଆଇଆଇସି ସେରୋଫିନା ମୋବାଇଲରେ ହେଉଥିବା ସାଇବାର ଠକେଇରୁ କିପରି ବର୍ତ୍ତିବେ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। କାର୍ଯ୍ୟକ୍ରମକୁ କଲେଜର ଅଧ୍ୟାପିକା ଅଧ୍ୟାପକ ସତ୍ୟାନନ୍ଦ ପଣ୍ଡା, ଅନୁସ୍ମିତା ପାଣିଗ୍ରାହୀ, କାଞ୍ଚନଲତା ସାହୁ, ଅଲେଖ ପ୍ରସାଦ ସାହୁ, ଯତୀନ୍ଦ୍ର ସାହୁ, ହେମନ୍ତ ମିଶ୍ର ଏବଂ କର୍ମଚାରୀ ସହଯୋଗ କରିଥିଲେ।

## ସାଇବର ଠକାମିରୁ ଦୂରେଇ ରହିବାକୁ ପରାମର୍ଶ

ରାଇରଙ୍ଗପୁର, ୮।୧୦ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ପୋଲିସ ପକ୍ଷରୁ ରାଇରଙ୍ଗପୁର ଉପଖଣ୍ଡ ପୋଲିସ ସର୍କଲରେ ଆୟୋଜିତ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ରବିବାର ଶେଷ ହୋଇଛି। ଅତିରିକ୍ତ ଏସ୍‌ପି ଉମାଶଙ୍କର ମହାରଣା ଏବଂ ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ପ୍ରମୁଖ ତତ୍ତ୍ୱାବଧାନରେ ରାଇରଙ୍ଗପୁର ପୋଲିସ ସର୍କଲ ଅଧୀନ ରାଇରଙ୍ଗପୁର ସହରାଞ୍ଚଳ ସମେତ ୮ ଥାନା ଅଞ୍ଚଳରେ ସାଇବର ସୁରକ୍ଷା ଅଭିଯାନ ଶିବିର ଏବଂ ସଚେତନତା ରଥ ପରିକ୍ରମା କରାଯାଇଥିଲା। ଉପଜିଲାପାଳ ସରୋଜ କୁମାର ଦାଶ, ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ବିଭିନ୍ନ ବ୍ୟାଙ୍କ ମ୍ୟାନେଜର ଓ ପଦାଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ। ସାଇବର ଠକାମିଠାରୁ ଦୂରେଇ ରହିବା ପାଇଁ ଜନସାଧାରଣ, ଯୁବ-ଛାତ୍ର ସଚେତନ ହେବା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ବିଭିନ୍ନ ବ୍ଲକ ଅଞ୍ଚଳର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରାଇରଙ୍ଗପୁର ପୋଲିସ ସର୍କଲର ବିଭିନ୍ନ ଥାନା ଅଧିକାରୀଙ୍କ ସହ ବିଭିନ୍ନ ପଦାଧିକାରୀ ସହାୟତା କରିଥିଲେ।

# ପଦଯାତ୍ରାରେ ରାଜ୍ୟ ସରକାରଙ୍କ ଯୋଜନା ବଖାଣିଲେ



ପଦଯାତ୍ରାରେ ବିଧାୟକ ବ୍ୟୋମକେଶ ରାୟ ଓ ବିଜେଡି ନେତାମାନେ।

ଚାନ୍ଦବାଲି, ୮।୧୦(କିଶାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍ଏସିରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା କରାଯାଇଛି। ବିଧାୟକ ବ୍ୟୋମକେଶ ରାୟ ନେତୃତ୍ୱ ନେଇଥିଲେ। ଘର ଘର ବୁଲି ରାଜ୍ୟ ସରକାରଙ୍କ ଯୋଜନାର ସଫଳତା ବିଷୟରେ ବିଧାୟକ, ଦଳୀୟ ନେତା ଓ କର୍ମୀ ଲୋକଙ୍କୁ ବୁଝାଇଥିଲେ। ବ୍ଲକ ସଭାପତି ଦ୍ୱିଜବର ରାଉତ, ଜିଲା ଉପସଭାପତି ପ୍ରତାପ ଚନ୍ଦ୍ର ଧଳ, ଏନ୍ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ବ୍ଲକ ଅଧ୍ୟକ୍ଷା ମିନତି ସୂତାର, ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଗୋଲକ ମହାନ୍ତି, ରାଜକିଶୋର ପଣ୍ଡା, ଶେଖ ଫିରୋଜ, ଯୁବନେତା ଜିତେନ୍ଦ୍ର ପାଣିଙ୍କ ସହ ବହୁ ନେତା ଓ କର୍ମୀ ପଦଯାତ୍ରାରେ ଯୋଗ ଦେଇଥିଲେ।

# ସୁରକ୍ଷା ଅଭିଯାନ ରଥକୁ ସ୍ୱାଗତ

ରୂପ୍‌ସା,୮।୧୦(ବାଞ୍ଛାନିଧି ଦେ)

ବସ୍ତା ଥାନା ପୋଲିସ ପକ୍ଷରୁ ଗାନ୍ଧି ଛକଠାରେ ସାଇବର ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଏସ୍‌ଡିପିଓ ମାନସ ଦେଓ ଅଧ୍ୟକ୍ଷତା କରି ମୋବାଇଲରେ କିଭଳି ସାଇବର ଅପରାଧରୁ ବର୍ତ୍ତି ହେବ ସେ ଦିଗରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଅତିରିକ୍ତ ଏସ୍‌ପି ଅନିଲ ପ୍ରଧାନ, ସମ୍ମାନିତ ଅତିଥି ତହସିଲଦାର ରାଧାରଞ୍ଜନ ଦାସ, ବିଡିଓ ସତ୍ୟଜିତ ମହାନ୍ତି ଓ ଆଇଆଇସି ଗୋବିନ୍ଦ ବେହେରା ମଞ୍ଚାସୀନ ହୋଇ ଜନସାଧାରଣ ଦୈନନ୍ଦିନ ଜୀବନରେ କିଭଳି ସାଇବର ଠକାମୀର ଶୀକାର ନ ହେବେ ସେ ଦିଗରେ ସଚେତନ କରାଇଥିଲେ। ଏହି ଅବସରରେ କୁଡ଼ିଆ ପୋଲଠାରୁ ସାଇବର ସୁରକ୍ଷା ଅଭିଯାନ ରଥକୁ ଏକ ବିଶାଳ ଶୋଭାଯାତ୍ରାରେ ସଭାସ୍ଥଳକୁ ଅଣାଯାଇଥିଲା। ଆଦିବାସୀ ନୃତ୍ୟ, ମାଦଳ ଓ ଢ଼ାକା ବାଜା ବଜାଇ ରଥକୁ ସ୍ୱାଗତ କରାଯାଇଥିଲା। ବସ୍ତା ଥାନା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସମେତ ବୁଦ୍ଧିଜୀବୀ, ଜନପ୍ରତିନିଧି, ବ୍ୟବସାୟୀ, ମହିଳା ଗୋଷ୍ଠୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏକ ସଚେତନତା ପାଲା ଓ ନୃତ୍ୟଗୀତ ପରିବେଷଣ ହୋଇଥିଲା।



ସାଇବର ସୁରକ୍ଷା ଅଭିଯାନ ରଥକୁ ସ୍ୱାଗତ କରାଯାଉଛି।

# 'ବିଜୁ ସ୍ୱାସ୍ଥ୍ୟକାର୍ଡ ଏକ ଯୁଗାନ୍ତକାରୀ ପଦକ୍ଷେପ'

**ସାହାରପଡ଼ାରେ ବିଜେଡି ଜନସମ୍ପର୍କ ପଦଯାତ୍ରା**

ପାଟଣା,୮।୧୦(ବୀର କିଶୋର ଦାଶ)




ଜନସମ୍ପର୍କ ପଦଯାତ୍ରାରେ ସାମିଲ ବିଜେଡି ନେତା ଓ କର୍ମକର୍ତ୍ତା।

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡ଼ା ବ୍ଲକ୍‌ରେ ରବିବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋରାଣ୍ଡି ଯୋଡ଼ି ଆମ୍ବ ତୋଟାରୁ ପଦଯାତ୍ରା ବାହାରି ସାହାରପଡ଼ା ବଜାର ପରିକ୍ରମା କରିଥିଲା। ଏହି ଅବସରରେ ଆମ୍ବ ତୋଟାରେ ଆୟୋଜିତ ସଭାରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକଙ୍କ ସଂଯୋଜନାରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମାହାନ୍ତ, ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ, ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗରିବୀ ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ଉଦ୍ଦିଷ୍ଟ ବିଜୁ ସ୍ୱାସ୍ଥ୍ୟକାର୍ଡ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ସମ୍ପାଦକ ଆଶିଷ ଚକ୍ରବର୍ତ୍ତୀ, ପାଟଣା ନିର୍ବାଚନ ମଣ୍ଡଳୀ ସଂଯୋଜକ କାନନ ବିହାରୀ ପୋହି, ଜିଲା କୃଷକ ସେଲ ସଭାପତି ଦୀପକ ରାଜ, ସାହାରପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲୀପ ସାହୁ, ପାଟଣା ବ୍ଲକ୍ ଅଧ୍ୟକ୍ଷା ସୁକାନ୍ତି ନାଏକ, ଉପାଧ୍ୟକ୍ଷା ବୀଣାପାଣି ନାଏକ, ସାହାରପଡା ବ୍ଲକ୍ ଅଧ୍ୟକ୍ଷା ରୀନା ନାୟକ, ଜିଲା ବିଜେଡି ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ପାଟଣା ବ୍ଲକ ବିଜେଡିସଭାପତି ମାଧବା ନନ୍ଦ ପୃଷ୍ଟି, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ଯୁବନେତା ସତ୍ୟ ନାରାୟଣ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

# ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ଡିଗ୍ରୀକୁ ନେଇ ଦ୍ୱନ୍ଦ୍ୱ

ବାରିପଦା,୮।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ପାଠ୍ୟକ୍ରମରୁ ଉତ୍ତୀର୍ଣ୍ଣ ହୋଇ ଛାତ୍ରୀଛାତ୍ରମାନେ ଓଡ଼ିଶାର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଚାକିରି ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏଭଳି ଏକ ସମ୍ବେଦନଶୀଳ ସମସ୍ୟାକୁ ବିଶ୍ୱବିଦ୍ୟାଳୟରୁ ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ପାସ୍ କରିଥିବା ଏବଂ ଅଧ୍ୟୟନରତ ଛାତ୍ରୀଛାତ୍ର ଉତ୍ଥାନ କରିଛନ୍ତି। ଉକ୍ତ ପାଠ୍ୟକ୍ରମରୁ ଚଳିତ ବର୍ଷ ପାସ୍ କରିଥିବା ଛାତ୍ର ଅଭିଷେକ ପଣ୍ଡା ସମସ୍ୟା ସମ୍ପର୍କରେ ବିଶ୍ୱବିଦ୍ୟାଳୟର କୁଳପତି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ, କୁଳସଚିବଙ୍କ ସମେତ ପରୀକ୍ଷା ନିୟନ୍ତ୍ରକଙ୍କୁ ଇ-ମେଲ୍ ଯୋଗେ ଜଣାଇଛନ୍ତି। ତାଙ୍କ ପାଠ୍ୟକ୍ରମ ଏମ୍ଏ ଏଜୁକେଶନରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ସହ ସମାନ ହୋଇଥିବାରୁ ସେମାନଙ୍କୁ ଏମ୍ଏ ଏଜୁକେଶନ ସହ ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ଇକ୍ୟୁଭାଲେଣ୍ଟ ବୋଲି ଏକ ସାର୍ଟିଫିକେଟ ଦେବା ପାଇଁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଓଡ଼ିଶା ସରକାରଙ୍କ ଷ୍ଟାଫ୍ ସିଲେକ୍ସନ ବୋର୍ଡ ପକ୍ଷରୁ ଗତ ସେପ୍ଟେମ୍ବର ୧୧ ବିଜ୍ଞାପନ (ସଂଖ୍ୟା ୨/୨୦୨୩) ଅନୁସାରେ ଓଡ଼ିଶାର ବିଭିନ୍ନ ସରକାରୀ ଅନୁଦାନ ପ୍ରାପ୍ତ କଲେଜରେ ୧୦୬୫ ଅଧ୍ୟାପକ ପଦବୀ ପାଇଁ ଆବେଦନ କରିବାକୁ ପ୍ରକାଶ ପାଇଛି , ଯେଉଁଥିରେ ୫୬ ପଦବୀ ଏଜୁକେଶନ ଅଧ୍ୟାପକଙ୍କ ପାଇଁ ଉଦ୍ଦିଷ୍ଟ। ତେବେ ଏହି ପଦବୀ ପାଇଁ ଆବେଦନ କରିବାକୁ ହେଲେ ଜଣଙ୍କୁ

**ଏମ୍ଏ ଏଜୁକେଶନ ସହ ଇକ୍ୟୁଭାଲେଣ୍ଟ କରିବାକୁ ନିବେଦନ**

ଏଜୁକେଶନରେ ସ୍ନାତକୋତ୍ତର ପାସ୍ କରିଥିବା ଆବଶ୍ୟକ। ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ପାଠ୍ୟକ୍ରମରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ର ଏଜୁକେଶନରେ ସ୍ନାତକୋତ୍ତର ପାସ୍ କରିଥିବା ସତ୍ତ୍ୱେ ସେମାନଙ୍କୁ ଏଥିରୁ ବଞ୍ଚିତ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ସେପ୍ଟେମ୍ବର ୧୪ରେ ବାହାରିଥିବା ଏସ୍ଏସ୍‌ବିର ନୋଟିସ (ସଂଖ୍ୟା ଏସ୍ଏସ୍‌ବି (ଇଏକ୍ସ) ୨୧/୨୦୨୩ ୧୧୦୦/ଏସ୍ଏସ୍‌ବି) ଅନୁଯାୟୀ ଯଦି ଜଣେ ଆଶାୟୀ ପ୍ରାର୍ଥୀ ସେ ନିବେଦନ କରୁଥିବା କୌଣସି ବିଷୟରେ ସ୍ନାତକୋତ୍ତର ପାସ୍ କରି ନ ଥିବେ ଓ ଉକ୍ତ ବିଷୟରେ ହୋଇଥିବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ, ତାଙ୍କୁ ସାର୍ଟିଫିକେଟ ଯାଞ୍ଚ ବେଳେ ଉକ୍ତ ବିଷୟରେ ଏକ ଇକ୍ୟୁଭାଲେଣ୍ଟ ସାର୍ଟିଫିକେଟ ଦେବାକୁ ପଡ଼ିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ତାଙ୍କର ଏକ ଶୁଣାଣିରେ ସ୍ପଷ୍ଟ କରିଛନ୍ତି, ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ପାଠ୍ୟକ୍ରମରୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନେ, ବିଏ ଓ ଏମ୍ଏ ଏଜୁକେଶନ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ଯୋଗ୍ୟ ଅଟନ୍ତି। ଏଥିପାଇଁ ପ୍ରତିବର୍ଷ ୟୁଜିସି ପକ୍ଷରୁ ହେଉଥିବା ନେଟ୍ (ନ୍ୟାଶନାଲ ଏଲିଜିବିଲିଟି ଟେଷ୍ଟ) ପରୀକ୍ଷାରେ ଏଜୁକେଶନ ବିଷୟ ପାଇଁ ଉଭୟ ଏମ୍ଏ ଏଜୁକେଶନ ଓ ଇଣ୍ଟିଗ୍ରେଟେଡ୍ ବିଏଡ୍-ଏମ୍ଏଡ୍ ଛାତ୍ରୀଛାତ୍ରମାନେ ଆବେଦନ କରିଥାଆନ୍ତି। ଏହାର ସୁବିଚାର ପୂର୍ବକ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି ।

## ଆଜି କ'ଣ କେଉଁଠି

ଭଦ୍ରକ

- ଉତ୍କଳମଣି ଜୟନ୍ତୀ-୨୦୨୩, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ନୋଡାଲ ବିଦ୍ୟାପୀଠ, ନରେନ୍ଦ୍ରପୁର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦।

# ଗୋଷ୍ଠୀ ବିବାଦ ଛାଡ଼ି ଏକାଠି ହେଲେ ନେତା, କର୍ମୀ

## ବିଜେଡି ଜନସମ୍ପର୍କ ପଦଯାତ୍ରା

ବାଲେଶ୍ୱର,୮।୧୦(ମାନସ ବିଶ୍ୱାଳ)



ସଭାରେ ମଞ୍ଚାସୀନ ବିଜେଡି ନେତାମାନେ।

ବାଲେଶ୍ୱର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ରବିବାର ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି। ବିଜେଡି ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ ଦେବଙ୍କ ନେତୃତ୍ୱରେ ନିର୍ବାଚନମଣ୍ଡଳୀରେ ଥିବା ଗୋଷ୍ଠୀ କନ୍ଦଳକୁ ଭୁଲି ନେତା ଓ କର୍ମୀମାନେ ଏକତ୍ର ହୋଇଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ଦିନ ଧରି ଲାଗି ରହିଥିବା ବିବାଦକୁ ଭୁଲି ସମସ୍ତେ ଜନସମ୍ପର୍କ ପଦଯାତ୍ରାରେ ସାମିଲ ହୋଇଥିଲେ। ସହରର ମିଶନ ପଡ଼ିଆରୁ ଶତାଧିକ ନେତା ଓ କର୍ମୀ ଏକତ୍ର ହୋଇ ପଦଯାତ୍ରା ଆରମ୍ଭ ହୋଇଥିଲେ। ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବ୍ରିଟ୍ ଅଧ୍ୟକ୍ଷ ଆଲୋକ ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପଦଯାତ୍ରା ସହର ପରିକ୍ରମା କରି ଫାଣ୍ଡିଛକରେ ପହଞ୍ଚିବା ପରେ ସେଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। ପରେ ଏହି ଶୋଭାଯାତ୍ରା ଗାନ୍ଧୀ ସ୍ମୃତି ଭବନ ପରିସରରେ ଆୟୋଜିତ ସଭାରେ ପହଞ୍ଚିଥିଲେ। ଆୟୋଜିତ ସଭାରେ ବିଜେଡି ଟାଉନ ସଭାପତି ସନତ ଦାସ ଅଧ୍ୟକ୍ଷତା କରିଥିଲେ। ରଞ୍ଜନ ବାଗଙ୍କ ସଂଯୋଜନାରେ ଆୟୋଜିତ ସଭାକୁ ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ ପରିଚାଳନା କରିଥିଲେ। ଜିଲା ସହ-ପର୍ଯ୍ୟବେକ୍ଷକ ଶାରଦା ପ୍ରସାଦ ଜେନା, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ ରାଉତ, ପୌର ଉପାଧ୍ୟକ୍ଷ କୈଳାସ ସେଠୀ, କୃଷକ ସେଲ ଜିଲା ସଭାପତି ଅଜୟ ସାମଲ ପ୍ରମୁଖଙ୍କ ସମେତ ବାଲେଶ୍ୱର ପୌର ପରିଷଦରେ ଦଳର ସମସ୍ତ କାଉନସିଲର ଯୋଗଦେଇ ଜନ ସମ୍ପର୍କ ପଦଯାତ୍ରାର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ।

# ପୋଲିସ ଗାଡ଼ିକୁ ଅଟକ ରଖିଲେ ମହିଳା

ଚାନ୍ଦବାଲି, ୮।୧୦ (କିଶାନ ପାତ୍ର)- ସ୍ୱାମୀ ସ୍ତ୍ରୀଙ୍କ ବିବାଦରେ ହସ୍ତକ୍ଷେପ କରି ହଟହଟା ହେଲା ବାଂଶଡ଼ା ପୋଲିସ। ପୋଲିସର ଏକତରଫା କାର୍ଯ୍ୟକୁ ବିରୋଧ କରି ମହିଳାମାନେ ୩ ଘଣ୍ଟା ଧରି ପୋଲିସ ଗାଡ଼ିକୁ ଅଟକ ରଖିଥିଲେ। ସୂଚନା ଅନୁଯାୟୀ, ବାଂଶଡ଼ା ଥାନା ଅଧୀନ ଚଡ଼ଢିଆ ଗ୍ରାମର ସଞ୍ଜୀବ ମାଝୀ ଏବଂ ତାଙ୍କ ସ୍ତ୍ରୀ ଚାରୁଲତା ମାଝୀଙ୍କ ମଧ୍ୟରେ କିଛିଦିନ ହେବ ବିବାଦ ଲାଗିରହିଥିଲା। ସଞ୍ଜୀବ ତାଙ୍କୁ ମାର୍‌ପିଟ୍ କରିଥିବା ନେଇ ଚାରୁଲତା ବାଂଶଡ଼ା ଥାନାରେ କିଛିଦିନ ପୂର୍ବରୁ ଅଭିଯୋଗ କରିଥିଲେ। ଏନେଇ ପୋଲିସ ସଞ୍ଜୀବଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସ୍ୱାମୀ ଜେଲ ଯିବା ପରେ ପ୍ରାୟ ଏକ ମାସ ହେବ ଚାରୁଲତା ଜନ୍ତୁଆଳିସ୍ଥିତ ନିଜ ବାପଘରେ ରହୁଥିଲେ। ଶନିବାର ସନ୍ଧ୍ୟାରେ ପୋଲିସକୁ ସାଙ୍ଗରେ ନେଇ ସେ ଶାଶୁଘରକୁ ଆସି ଜୋର ଜବରଦସ୍ତ ଘରର ଆସବାବପତ୍ର ସହ ବିଭିନ୍ନ କାଗଜପତ୍ର ନେବାକୁ ଉଦ୍ୟମ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ଗ୍ରାମର ମହିଳାମାନେ ଚାରୁଲତାଙ୍କ ସମେତ ପୋଲିସ ଗାଡ଼ିକୁ ଅଟକ ରଖିଥିଲେ। କାହାକୁ କିଛି ନ ଜଣାଇ ରାତିରେ ଘରେ ପଶି ଆସବାବପତ୍ର କାହିଁକି ନେଇଯାଉଛ ବୋଲି ପୋଲିସକୁ ମହିଳାମାନେ ପ୍ରଶ୍ନ କରିଥିଲେ। ପୋଲିସ ଠିକ୍ ଭାବେ ଉତ୍ତର ଦେଇ ନ ପାରିବାରୁ ଶତାଧିକ ମହିଳା ଗାଡ଼ି ଆଗରେ ଧାରଣା ଦେଇଥିଲେ। ସ୍ଥାନୀୟ ସରପଞ୍ଚ, ଗ୍ରାମବାସୀ ଓ ପୋଲିସ ମଧ୍ୟରେ ଆପୋଷ ଆଲୋଚନା କରି ସମସ୍ତ ଆସବାବପତ୍ର ସଞ୍ଜୀବଙ୍କ ପରିବାରକୁ ହସ୍ତାନ୍ତର ପରେ ମହିଳାମାନେ ପୋଲିସ ଗାଡ଼ିକୁ ଛାଡ଼ିଥିଲେ। ବାଂଶଡ଼ା ଥାନା ଅଧିକାରୀ ଦେବରାଜ ଜେନାଙ୍କୁ ପଚାରିବାରୁ ଆଇନ ଅନୁଯାୟୀ କାର୍ଯ୍ୟ କରାଯାଇଛି ବୋଲି କହିଛନ୍ତି।

# ଜିଲାପାଳ, ଏସ୍‌ପିଙ୍କୁ ଏନ୍‌ଏଚ୍‌ଆରସିଙ୍କ ରିପୋର୍ଟ ତଲବ

## ନାବାଳିକାଙ୍କୁ ନିର୍ଯାତନା ପ୍ରସଙ୍ଗ

କେନ୍ଦୁଝର,୮।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଘଟିଥିବା ଡ୍ରପ୍ ଆଉଟ, ନାବାଳିକା, ନାବାଳିକା ମାତୃତ୍ୱମାନଙ୍କ ପ୍ରତି ନିର୍ଯାତନା ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ନେଇ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି) କେନ୍ଦୁଝର ଜିଲାପାଳ ଓ ଏସ୍‌ପିଙ୍କୁ ରିପୋର୍ଟ ମାଗିଛନ୍ତି। ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଉଲ୍ଲେଖ ରହିଛି। ମାନବାଧିକାର କର୍ମୀ ତଥା ସର୍ବୋଚ୍ଚ ନ୍ୟାୟାଳୟ ଆଇନଜୀବୀ ରାଧାକାନ୍ତ ତ୍ରିପାଠୀ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନାକୁ ନେଇ କମିଶନଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ।

ଅଭିଯୋଗ କ୍ରମେ, ଗତ ସେପ୍ଟେମ୍ବର ୧୮ରେ ସଦର ଥାନା ଅଞ୍ଚଳରେ ଜଣେ ଗରିବ ଡ୍ରପ୍ ଆଉଟ ୧୩ ବର୍ଷୀୟା ଛାତ୍ରୀଙ୍କ ସହ ତାଙ୍କ ବାପାଙ୍କ ସାଙ୍ଗ ଖରାପ କାମ କରିଥିଲେ। ଅଭିଯୋଗ ପରେ ତାଙ୍କ ବାପା ନାବାଳିକାଙ୍କୁ ସାଙ୍ଗକୁ ହସ୍ତାନ୍ତର କରିଦେଇଥିଲେ। ଏ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ନାବାଳିକାଙ୍କୁ କ୍ଷତିପୂରଣ ଦେଇ ଥଇଥାନ କରିବାକୁ କମିଶନଙ୍କୁ ନିବେଦନ କରିଥିଲେ। ସେହିପରି ସେପ୍ଟେମ୍ବର ୧୪ରେ ତେଲକୋଇ ବ୍ଲକରେ ଜଣେ ଆବାସିକ ବିଦ୍ୟାଳୟର ଛାତ୍ରୀ ୬ ମାସର ଗର୍ଭବତୀ ହେବା, ସେହି ମାସ ୧୦ ତାରିଖରେ ବାଂଶପାଳ ବ୍ଲକ୍‌ର ଏକ ଆବାସିକ ବିଦ୍ୟାଳୟର ଛାତ୍ରୀ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଶିଶୁ ପୁତ୍ରଙ୍କୁ ଜନ୍ମଦେବା, ତେଲକୋଇ ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟରେ ନାବାଳିକା ବିବାହ ବୃଦ୍ଧି ପାଉଥିଲେ ହେଁ ପ୍ରଶାସନ ଶିଶୁ ବିବାହ ରୋକିପାରୁ ନ ଥିବା ନେଇ ଅଭିଯୋଗ କରିଥିଲେ।

# କଳାକାର ଟ୍ରୁପ ପଞ୍ଜୀକରଣରୁ ବାଦ୍ ନେଇ ଅସନ୍ତୋଷ


ପାଲା ମଣ୍ଡଳର ସାଙ୍ଗଠନିକ ବୈଠକରେ ଉପସ୍ଥିତ କଳାକାରମାନେ।

ବାସୁଦେବପୁର,୮।୧୦(ନାରାୟଣ ପ୍ରସାଦ ବାରିକ୍)

## ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ସାଙ୍ଗଠନିକ ବୈଠକ

ଭଦ୍ରକ ଜିଲା ବାସୁଦେବପୁର ମା' ସାତଭଉଣୀଙ୍କ ପୀଠରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ସଭାପତି ସନାତନ ପୁରୀଙ୍କ ସଭାପତିତ୍ୱରେ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। କଳାକାରମାନଙ୍କର ମୌଳିକ ସୁବିଧା ବିଷୟରେ ପାଲା ମଣ୍ଡଳ ସବୁବେଳେ ଧ୍ୟାନ ଦେଇଆସୁଛି ବୋଲି ସଭାପତି କହିଥିଲେ। ବ୍ଲକସ୍ତରରେ ଲୋକକଳା କଳାକାରଙ୍କୁ ଚିହ୍ନଟ ଟ୍ରୁପ ପଞ୍ଜୀକରଣ ପାଇଁ ବ୍ଲକ ପକ୍ଷରୁ ଠିକ ସୂଚନା ଦିଆ ନ ଯିବା କାରଣରୁ କେତେକ ଲୋକକଳା କଳାକାର ଟ୍ରୁପ୍ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା କହି ମଣ୍ଡଳର କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସମ୍ପାଦକ କପିଳନାଥ ଶର୍ମା, ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ବାରିକ୍, ବରିଷ୍ଠ ଉପଦେଷ୍ଟା ଅମୂଲ୍ୟରତ୍ନ ସାହୁ, ବରିଷ୍ଠ ପାଲାଗାୟକ ନୀଳକଣ୍ଠ ପାତ୍ର, କୈଳାସ ଚନ୍ଦ୍ର ମହାନ୍ତି, ରମାକାନ୍ତ ନାୟକ, ରମାକାନ୍ତ ଜେନା, ରଞ୍ଜନ ମାଝୀ, ପଦ୍ମଲୋଚନ ସ୍ୱାଇଁଙ୍କ ସମେତ ଶତାଧିକ କଳାକାର ବୈଠକରେ ଯୋଗ ଦେଇଥିଲେ।

# ଜିଲା ଅମଲା ମଞ୍ଚର ଆନ୍ଦୋଳନ ଚେତାବନୀ

## ୪୨୦୦ ଗ୍ରେଡ୍ ପେ ଦାବି ପୂରଣରେ ବିଳମ୍ବ

କେନ୍ଦୁଝର,୮।୧୦(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ମିଳିତ ଅମଲା ମଞ୍ଚର ନିର୍ଦ୍ଦେଶକ୍ରମେ ରବିବାର ୩୦ ଜିଲାରେ ୪୨୦୦ ଗ୍ରେଡ୍ ପେ (ଲେଭେଲ-୯) ପୂରଣ ବିଳମ୍ବ ଓ ଟାଳଟୁଳ ନୀତିର ପ୍ରତିବାଦରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ବରଗଛ ମୂଳେ ଜିଲା ମିଳିତ ଅମଲା ମଞ୍ଚର ବୈଠକକୁ କେନ୍ଦୁଝର ଶାଖା ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ରଣା ଅଧ୍ୟକ୍ଷତା କରିଥିଲେ।

ସୂଚନା ଅନୁଯାୟୀ, କନିଷ୍ଠ ସହାୟକଙ୍କ ପ୍ରବେଶିକା ଗ୍ରେଡ୍ ପେ ୧୯୦୦ (ଲେଭେଲ-୪) ରୁ ଗ୍ରେଡ୍ ପେ ୪୨୦୦ (ଲେଭେଲ-୯) କୁ ବୃଦ୍ଧି ଦାବିରେ ଗତ ଜୁନ୍ ୧ ରୁ ଅମଲା ମଞ୍ଚର ଆନ୍ଦୋଳନ ହୋଇଥିଲା। ଦାବିପୂରଣ ପ୍ରତିଶ୍ରୁତି କ୍ରମେ ଜୁନ୍ ୧୭ରେ ସ୍ଥଗିତ ରଖାଯାଇଥିଲା। ସରକାର ଦାବି ପୂରଣରେ ବିଳମ୍ବ କରିଥିବାରୁ କର୍ମଚାରୀଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା। ଏନେଇ ରାଜ୍ୟ ନେତୃବୃନ୍ଦଙ୍କୁ କେନ୍ଦୁଝର ମିଳିତ ଅମଲା ମଞ୍ଚ ପ୍ରସ୍ତାବ ଦେବା ସହିତ ସରକାରଙ୍କୁ ଚେତାବନୀ ପରେ ମଧ୍ୟ ଦାବିପୂରଣ ହେଉ ନ ଥିବାରୁ ଜିଲା ସଂଘ ଆନ୍ଦୋଳନ ପାଇଁ ପ୍ରସ୍ତୁତ ବୋଲି ରାଜ୍ୟ ନେତୃବୃନ୍ଦଙ୍କୁ ଜଣାଇଛନ୍ତି। ୧୧ ଅକ୍ଟୋବରରେ କଟକଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ମିଳିତ ଅମଲା ମଞ୍ଚ ବୈଠକର କାର୍ଯ୍ୟପନ୍ଥା ପରେ ଜିଲାରେ ଆନ୍ଦୋଳନକୁ ଆଗେଇ ନେବାକୁ ମତପ୍ରକାଶ ପାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୈଳାସ ଚନ୍ଦ୍ର ମଲ୍ଲିକ, ଜିଲା ମଞ୍ଚର ସଂଗଠନ ସମ୍ପାଦକ ସଚ୍ଚିଦାନନ୍ଦ ମହାକୁଡ଼, ମିଡିଆ ସଂଯୋଜକ ପୀତବାସ ମହାନ୍ତ, ରାଜସ୍ୱ ଅମଲା ସଂଘର ସଭାପତି ଜିତେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ପ୍ରଭାତେନ୍ଦୁ ନାୟକ, ଓଡ଼ିଶା ଅମଲା ସଂଘର ସଭାପତି ଅଭିମନ୍ୟୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଅଣ୍ଡର ୧୯ କ୍ରିକେଟ ଟିମ୍‌ରେ ଶୁଭମ୍

## ଭିନୁ ମଙ୍କଡ଼ ଟ୍ରଫିରେ ଖେଳିବେ

କେନ୍ଦୁଝର,୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)


ଶୁଭମ ପ୍ରିୟଦର୍ଶୀ ।

୧୯ ବର୍ଷରୁ କମ୍ ଓଡ଼ିଶା କ୍ରିକେଟ ଟିମ୍‌ରେ କେନ୍ଦୁଝର ଜିଲାର ଶୁଭମ ପ୍ରିୟଦର୍ଶୀ ସାମିଲ ହୋଇଛନ୍ତି। ପଣ୍ଡିଚେରୀରେ ହେବାକୁ ଥିବା ଭିନୁ ମଙ୍କଡ଼ ଟ୍ରଫି ଅକ୍ଟୋବର ୧୨ରୁ ଆରମ୍ଭ ହେବାକୁ ଥିବା ବେଳେ ପ୍ରତିଯୋଗିତା ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଟିମ୍ ଘୋଷଣା ହୋଇଛି। ଟିମ୍‌ରେ ଶୁଭମ ଚୟନ ହୋଇଥିବା ଶୁକ୍ରବାର ଓଡ଼ିଶା କ୍ରିକେଟ ଆସୋସିଏସନର ମୁଖ୍ୟ ନିର୍ବାହୀ ଅଧିକାରୀ ସୁବ୍ରତ କୁମାର ବେହେରା କେନ୍ଦୁଝର ଜିଲା କ୍ରୀଡ଼ା ସଂସ୍ଥାକୁ ସୂଚନା ଦେଇଛନ୍ତି। ଗତ ମାର୍ଚ୍ଚରେ ଅଣ୍ଡର ୧୯ ଆନ୍ତଃ ଜିଲା କ୍ରିକେଟ ମ୍ୟାଚରେ ୫ ମ୍ୟାଚରୁ ୯ ଉଇକେଟ୍ ଓ କଳାହାଣ୍ଡି କପ୍‌ରେ ୫ ମ୍ୟାଚରେ ୧୨ ଉଇକେଟ୍ ନେଇ ଚୟନକର୍ତ୍ତାଙ୍କ ନଜରକୁ ଆସିଥିଲେ। ପୂର୍ବରୁ ଅଣ୍ଡର ୧୭ରେ ସ୍କୁଲ ଗେମ୍ ଫେଡେରେଶନ ଅଫ୍ ଇଣ୍ଡିଆ ୨୦୧୯ରେ ଗୁଜରାଟର ଜାମ୍‌ନଗରରେ ଓଡ଼ିଶାରୁ ପ୍ରଥମେ ଖେଳିଥିଲେ। ଏ ନେଇ ଶୁଭମ କହିଛନ୍ତି, ଟିମ୍‌ରେ ସ୍ଥାନ ପାଇବେ ବୋଲି ଆଶାବାଦୀ ଥିଲେ। ଭଲ ଖେଳ ପ୍ରଦର୍ଶନ କରି ଜିଲା ତଥା ରାଜ୍ୟ ପାଇଁ ସୁନାମ ଆଣିବାକୁ ନିଶ୍ଚୟ ଉଦ୍ୟମ କରିବେ। ସେ ଏବେ କେନ୍ଦୁଝରର ୟୁସିଏ କ୍ଲବ୍‌ରୁ କ୍ରିକେଟ୍ ଖେଳୁଛନ୍ତି। କଟକରେ କଲେଜ ପାଠ ପଢ଼ା ସମୟରେ ୟୁନିୟନ ସ୍ପୋର୍ଟିଂରେ ଖେଳ ଅଭ୍ୟାସ କରିଆସୁଛନ୍ତି। ସେ ଜଣେ ଅଲରାଉଣ୍ଡର ଭାବରେ ଖେଳି ଆସୁଥିବା ବେଳେ ବୋଲିଂରେ ବସନ୍ତ ମହାନ୍ତି ଓ ବ୍ୟାଟିଂରେ ନଟରାଜ ବେହେରାଙ୍କଠାରୁ କୋଚିଂ ନେଉଛନ୍ତି। ଆଗକୁ ରଣଜୀ ଖେଳିବା ସହ ଦେଶ ପାଇଁ ଖେଳିବା ଲକ୍ଷ୍ୟ ରଖିଥିବା କୁହନ୍ତି। ସେ ଏବେ ଯୁକ୍ତ ୩ ପ୍ରଥମ ଛାତ୍ର ଭାବରେ ଖ୍ରୀଷ୍ଟ କଲେଜ, କଟକରେ ଇଂରାଜୀ ଅନର୍ସରେ ପଢୁଛନ୍ତି। ବାପା ସୁଶାନ୍ତ ସେଠୀ ଓ ମା' ମମତା ସେଠୀ ଉଭୟ ପୋଲିସ ବିଭାଗରେ କାମ କରୁଥିବା ବେଳେ ସାନ ଭଉଣୀ ଦଶମ ଶ୍ରେଣୀରେ ପଢୁଛନ୍ତି।

# ସଚେତନତା ଶୋଭାଯାତ୍ରା

ଉଦଳା, ୮।୧୦(ସନ୍ତୋଷ କୁମାର ବାଛିନୀ)-ମୟୂରଭଞ୍ଜ ଜିଲା ଉଦଳା ପୋଲିସ ପକ୍ଷରୁ ରବିବାର ସାଇବର ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଥାନା ପରିସରରୁ ସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇ ଉଦଳା ଏନ୍‌ଏସିର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ସହରର ମୁଖ୍ୟରାସ୍ତା, ଆର୍‌ଏମ୍‌ସି ମାର୍କେଟ, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ରାଲି ପରିକ୍ରମା କରିବା ସହ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା କରାଯାଇଥିଲା। ବିଧାୟକ ଭାସ୍କର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଏନ୍‌ଏସି ଚେୟାରମ୍ୟାନ ପ୍ରମିଳା ପଣ୍ଡା, ଉପନଗରପାଳ ଲିଲି ଭୋଳ, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ ଓ ଥାନାଧିକାରୀ ବନମାଳୀ ବାରିକ ସାଇବର ସୁରକ୍ଷା ସଚେତନତା ଯାନକୁ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ବ୍ଲକ ଚେୟାରମ୍ୟାନ ମଞ୍ଜୁଲତା ବିଶ୍ୱାଳ, ଭାଇସ୍ ଚେୟାରମ୍ୟାନ ରଜନୀକାନ୍ତ ଦାସ, ଜିଲା ପରିଷଦ ସଦସ୍ୟ ଲଳିତା ବିଶୋଇ, ସୁଶାନ୍ତି ସିଂ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନିଶା ନିବାରଣ କେନ୍ଦ୍ରର ମାଲିକ ଗିରଫ

ବାରିପଦା,୮।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଅନ୍ତେବାସୀଙ୍କୁ ନିର୍ଯାତନା ଦେଇ ପୂର୍ବରୁ ଜେଲ ଯାଇଥିଲେ

ମୟୂରଭଞ୍ଜ ଜିଲା ବାରିପଦା ସହରରେ ବେଆଇନ ନିଶା ନିବାରଣ କେନ୍ଦ୍ର ଖୋଲିଥିବା ଜନୈକ ମାଲିକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ରର ମାଲିକ ଅବନୀ କୁମାର ପତି। ଏ ସଂକ୍ରାନ୍ତରେ ଟାଉନ ଥାନାରେ ଏକ ମାମଲା (ନଂ. ୬୪୮/୨୩)ରେ ରୁଜୁ କରି ତଦନ୍ତ ଜାରି ରହିଛି। ଅନ୍ତେବାସୀଙ୍କୁ ଥଇଥାନ କରିବା ପାଇଁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଓ ଉପଜିଲାପାଳଙ୍କୁ ଅବଗତ କରାଯାଇଛି। ପରେ କେନ୍ଦ୍ରକୁ ସିଲ୍ କରାଯିବା ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ, ପୂର୍ବରୁ ପ୍ରାୟଶ୍ଚିତ ନାମରେ ଏକ କେନ୍ଦ୍ର ଖୋଲାଯାଇ ଅନ୍ତେବାସୀଙ୍କୁ ପିନକଣ୍ଟା ମାରିବା ସହିତ ପାଦ ଚଟାଇବା ଭଳି ଘଟଣାରେ ମାଲିକ ଅବନୀ ପତି ଗିରଫ ହୋଇଥିଲେ। ଜାମିନରେ ଫେରିବା ପରେ ନାମ ଓ ସ୍ଥାନ ପରିବର୍ତ୍ତନ କରି ପୁନର୍ବାର ପ୍ରତିଜ୍ଞା ନାମରେ ଏକ କେନ୍ଦ୍ର ଖୋଲି ଅନ୍ତେବାସୀଙ୍କୁ ରଖିଥିଲେ। ନିୟମାନୁଯାୟୀ ଅନ୍ତେବାସୀମାନଙ୍କୁ ପ୍ରତିଦିନ ସ୍ୱାସ୍ଥ୍ୟ ପରୀକ୍ଷା କରିବାର ନିୟମ ରହିଥିବା ବେଳେ ଆବଶ୍ୟକ ଡାକ୍ତର, ଫାର୍ମାସିଷ୍ଟ କିମ୍ବା କର୍ମଚାରୀ ନିୟୋଜିତ କରୁ ନ ଥିଲେ। ସେହିପରି କେନ୍ଦ୍ର ଖୋଲିବା ପାଇଁ ସ୍ୱାସ୍ଥ୍ୟ ବିଭାଗ, ପୋଲିସ ପ୍ରଶାସନ, ଅବକାରୀ ବିଭାଗରୁ ଅନୁମତି ଓ ମ୍ୟୁନିସିପାଲିଟିରୁ ଟ୍ରେଡ୍ ଲାଇସେନ୍ସ ନେବାର ନିୟମ ରହିଛି। ମାତ୍ର ଏସବୁକୁ ଖୋଲାଖୋଲି ଉଲଂଘନ କରାଯାଇଥିଲା। ଆବଶ୍ୟକ ନିୟମାବଳୀ ଓ ସର୍ତ୍ତାବଳୀକୁ ଏଡ଼ାଇ କେନ୍ଦ୍ର ପରିଚାଳନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାରମ୍ବାର ଦାବି ହୋଇଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏସ୍‌ପି ବି.ଗଙ୍ଗାଧରଙ୍କ ନିର୍ଦ୍ଦେଶ କ୍ରମେ ଗତ ଗୁରୁବାର ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ର, ଜାନୁଗଞ୍ଜରେ ଥିବା ସଚେତନ ଓ ଉପଦେଷ୍ଟା କେନ୍ଦ୍ର, ମନ୍ତ୍ରୀ ଛକରେ ଥିବା ସମର୍ପଣ ବଡି ବିଲ୍ଡିଂ ସେଣ୍ଟର, ତକତପୁରରେ ଥିବା ଦି ନିଉ ଷ୍ଟେପ କେନ୍ଦ୍ର ଓ ପାଲବଣୀଠାରେ ଥିବା କୃପା ଫାଉଣ୍ଡେଶନରେ ଏକ କାଳୀନ ଚଢ଼ାଉ କରାଯାଇଥିଲା। ଅନ୍ୟ କେନ୍ଦ୍ର ଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଉଥିବା ବେଳେ ଅନିୟମିତା ଦୃଷ୍ଟିକୁ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସଦର ଏସ୍‌ଡିପିଓ ସୁଜିତ ପ୍ରଧାନ ପ୍ରକାଶ କରିଛନ୍ତି।

# ସାପ କାମୁଡ଼ାରେ ଅଙ୍ଗନୱାଡି କର୍ମୀଙ୍କ ମୃତ୍ୟୁ

## ଚିକିତ୍ସା ଅବହେଳା ଅଭିଯୋଗ

ଯୋଡ଼ା,୮।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା କମାରଯୋଡ଼ା ଖୁନ୍ଦୁରସାହିରେ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ସାପ କମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ମହିଳା ବିନତି କାରୁଆ(୪୭)। ମେଡିକାଲର ଅବହେଳା କାରଣରୁ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଶନିବାର ରାତିରେ ବିନତିଙ୍କୁ ସାପ କାମୁଡ଼ିଥିଲା। ପରିବାର ଲୋକେ ତାଙ୍କୁ ଯୋଡ଼ାସ୍ଥିତ ଟାଟା କମ୍ପାନୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷେ ଟାଟାଷ୍ଟିଲ ଡାକ୍ତରଖାନାରେ କେବଳ ପ୍ରାଥମିକ ଚିକିତ୍ସା କରାଯାଇଥିଲା ରାତି ଅଧରେ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ ହେଁ କମ୍ପାନୀର ଆମ୍ବୁଲାନ୍ସ ଥାଇ ମଧ୍ୟ ଦିଆଯାଇ ନ ଥିଲା। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ସଙ୍କଟାପନ୍ନ ଅବସ୍ଥାରେ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଟାଟା ଷ୍ଟିଲ ଡାକ୍ତରଖାନାର ଅବହେଳାରୁ ମୃତ୍ୟୁ ହୋଇଥିବା ତାଙ୍କ ଭଉଣୀ ଶୁଲେଖା କାରୁଆ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯୋଡ଼ା ଟାଟା ଷ୍ଟିଲ ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଚିସ୍ମିତା ଦାସ କହିଛନ୍ତି, ଉକ୍ତ ମହିଳାଙ୍କ ମୃତ୍ୟୁ ଏଠାରେ ହୋଇନାହିଁ, ତାଙ୍କର ଅଧିକ ଚିକିତ୍ସା ପାଇଁ ଏଠାରୁ ରେଫର କରାଯାଇଥିଲା।

# କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ବନ୍ଧୁମିଳନ

ସିମୁଳିଆ,୮।୧୦(ସନ୍ତୋଷ ନାୟକ)

ଓଡ଼ିଶା କ୍ଷତ୍ରିୟ ଖଣ୍ଡାୟତ ମହାସଂଘର ବନ୍ଧୁମିଳନ ଉତ୍ସବ ରବିବାର ସିମୁଳିଆ ବ୍ଲକର ମା' କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ଶତାଧିକ ଖଣ୍ଡାୟତ କର୍ମୀମାନେ ଏଥିରେ ଯୋଗ ଦେଇଥିଲେ। ମହାସଂଘର ମୁଖ୍ୟ ଉପଦେଷ୍ଟା ବୀରେନ୍ଦ୍ର କୁମାର ରାୟଙ୍କ ମଞ୍ଚ ସଞ୍ଚାଳନାରେ ଅନୁଷ୍ଠିତ ଉତ୍ସବରେ ସଂଘର ରାଜ୍ୟ ସଭାପତି ଅଶୋକ ଚନ୍ଦ୍ର ଲେଙ୍କା, ବରିଷ୍ଠ ସଦସ୍ୟ ବସନ୍ତ କୁମାର ନାୟକ, ରାଜ୍ୟ ସମ୍ପାଦକ ଦେବଦର୍ଶୀ ସାହୁ ଯୋଗଦେଇଥିଲେ। ଆଇନ୍‌ଜୀବୀ ମନୋରଞ୍ଜନ ନାୟକ ସଂଘର ପତାକା ଓ ଏହାର ସ୍ୱତନ୍ତ୍ର ଲୋଗୋ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବିକାଶ ପରିଷଦର ସମ୍ପାଦକ ଶ୍ୟାମସୁନ୍ଦର ସାମଲ, ଦିଲୀପ ପଡିହାର, ମନୋରଞ୍ଜନ ନାୟକ, ବସନ୍ତ କୁମାର ନାୟକ, ଭଦ୍ରକ ଜିଲାର ବରିଷ୍ଠ ଖବରଦାତା ପ୍ରମୋଦ କୁମାର ରାୟ, ସଙ୍ଗଠକ ନିରଞ୍ଜନ ରଣସିଂ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ମୁଖ୍ୟ ସଙ୍ଗଠକ ଗଣେଶ କୁମାର ନାୟକ ମଞ୍ଚ ଆହ୍ୱାନ କରିଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ମହାସଂଘର କାର୍ଯ୍ୟକର୍ତ୍ତାମାନେ।

# ଗଣଦୌଡ଼କୁ ଶୁଭାରମ୍ଭ କଲେଏସ୍‌ପି



ଏସ୍‌ପି ନିତିନ କୁଶଲକର ଓ ଅନ୍ୟମାନେ।

କେନ୍ଦୁଝର,୮।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ସାଇବର ସୁରକ୍ଷା ସଚେତନତା ନିମନ୍ତେ ରବିବାର କେନ୍ଦୁଝରର ବିଭିନ୍ନ ବର୍ଗର ଲୋକେ ସଚେତନତା ଗଣଦୌଡ଼ରେ ସାମିଲ ହୋଇଥିଲେ। କେନ୍ଦୁଝର ଜିଲା ପୋଲିସ ମୁଖ୍ୟାଳୟରୁ ସାଇବର ସୁରକ୍ଷା ସଚେତନତା ମାରାଥନକୁ କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଗଣଦୌଡ଼ କେନ୍ଦୁଝର ପୋଲିସ ରିଜର୍ଭ ପଡିଆରେ ପହଞ୍ଚିବା ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। କେନ୍ଦୁଝର ଉପ ଜିଲାପାଳ ରାମଚନ୍ଦ୍ର କିସ୍କୁ, ସଦର ବିଡିଓ ବିକାଶ ଚନ୍ଦ୍ର ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡକ୍ଟର ମଧୁସ୍ମିତା ସାମନ୍ତରାୟ, ବ୍ୟାଙ୍କ ଅଫ୍ ଇଣ୍ଡିଆର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗଣଦୌଡ଼ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସୂଚନା ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସଞ୍ଜିବ ବାରିକ, ଟାଉନ ଥାନା ଅଧିକାରୀ ସୁନିଲ କର ପ୍ରମୁଖ ଉପସ୍ଥିତ ଥିଲେ। ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ୨୦୨୩ର ଶୁଭାରମ୍ଭ ହୋଇଛି। ଗାନ୍ଧୀ ଜୟନ୍ତୀ ଅବସରରେ ଏସମ୍ପର୍କରେ ଏକ ସଚେତନତା ରଥକୁ କେନ୍ଦୁଝର ଏସପି ଶୁଭାରମ୍ଭ କରିଥିଲେ। ଅକ୍ଟୋବର ୧୫ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଜିଲାର ବିଭିନ୍ନ ଅଞ୍ଚଳରେ ହେବ ବୋଲି ଜଣାପଡ଼ିଛି। ଜିଲାର ସମସ୍ତ ଉପଖଣ୍ଡକୁ ସଚେତନତା ରଥ ଯାଇ ସାଇବର ଠକେଇର ନିରାକରଣ ବାବଦରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଉଛି।

# ସାଇବର ସୁରକ୍ଷା ସଚେତନତା ଶୋଭାଯାତ୍ରା

ଭଦ୍ରକ,୮।୧୦(ସନାତନ ରାଉତ)

ଭଦ୍ରକ ପୋଲିସ ପ୍ରଶାସନ ପକ୍ଷରୁ ରବିବାର ସାଇବର ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀପଡ଼ିଆଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲା। ସେହିପରି ଗୋଶାଳା ଛକଠାରୁ ଏକ ସାଇକେଲ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲା। ଉଭୟ ଶୋଭାଯାତ୍ରାକୁ ଏସ୍‌ପି ବରୁଣ ଗୁଣ୍ଟୁପାଲି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାଇବର ଠକେଇରୁ ସୁରକ୍ଷା ପାଇଁ ସଚେତନତା ଆବଶ୍ୟକ ବୋଲି ଏସ୍‌ପି କହିଥିଲେ। ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା, ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁଙ୍କ ସହ ବିଭିନ୍ନ ଥାନାଧିକାରୀ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଏଥିରେ ସାମିଲ ଥିଲେ।


ଏସ୍‌ପି ବରୁଣ ଗୁଣ୍ଟୁପାଲି ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

